ସମାଜ
The Samaja
ପ୍ରତିଷ୍ଠାତା - ଉତ୍କଳମଣି ଗୋପବନ୍ଧୁ ଦାସ

24.11.2021

# ଆଇଆଇଟିରେ ନାମ ଲେଖା ଆରମ୍ଭ

ଜଟଣୀ,୨୩।୧୧(ନି.ପ୍ର): ଜଟଣୀ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟିରେ ୨୧ ତାରିଖ ଠାରୁ ପ୍ରଥମ ବର୍ଷ ବିଟେକ୍ ଛାତ୍ର ଛାତ୍ରୀଙ୍କ ନାମ ଲେଖା ଆରମ୍ଭ ହୋଇଯାଇଛି। ଗତକାଲି ସୁଦ୍ଧା ୨୨୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ୨୪ ତାରିଖ ସୁଦ୍ଧା ୪୭୨ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବେ ବୋଲି ଆଇଆଇଟି କର୍ତ୍ତୃପକ୍ଷ ଆଶାବ୍ୟକ୍ତ କରିଛନ୍ତି। ଆଇଆଇଟି କ୍ୟାମ୍ପସ୍‌କୁ ଛାତ୍ରଛାତ୍ରୀଙ୍କ ଆଗମନ ହୋଇଛି। ୭୨ ଘଣ୍ଟା ମଧ୍ୟରେ ଆରଟିପିସିଆର ପରୀକ୍ଷା ଏବଂ କରୋନା ଟିକାକରଣ ପ୍ରମାଣପତ୍ର ଯାଞ୍ଚ କରାଯାଉଛି। ଡ଼ିନ୍ ଡ଼.ପି.ଆର.ସାହୁ,ଡ଼.ଶାନ୍ତନୁ ପାଲ, ଡ଼.ଆର.କେ.ସିଂହ,ଡ଼.ଶ୍ରୀନିବାସ କଡ଼ଙ୍କୀ,ଡ଼ାକ୍ତର ଏମ.ଏ.ଖାଁନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।